# ଆଦିବାସୀ ମେଳା-୨୦୧୬

## ଜନଜାତି ଚିତ୍ରକଳା ଓ ହସ୍ତଶିଳ୍ପ ଏବେ ବି ଜୀବନ୍ତ

ଓଡିଶାରେ ବସବାସ କରୁଥିବା ୬୨ ପ୍ରକାର ଆଦିବାସୀ ବର୍ଗ ଦାରିଦ୍ର୍ୟ କଷାଘାତରୁ ନିଜକୁ ମୁକ୍ତ କରି ପ୍ରଗତିର ସ୍ରୋତରେ ସାମିଲ ହେବା ପାଇଁ ଆଜି ଉଦ୍ୟମରତ । ଏଥିପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଛି ବିଭିନ୍ନ ଉନ୍ନୟନ ମୂଳକ ଯୋଜନା, ଯାହାର ସୁଫଳ ହାତେଇବାକୁ ସେମାନେ ହୋଇ ଉଠିଛନ୍ତି ବ୍ୟଗ୍ର ଓ ବ୍ୟାକୁଳ । ଏହାରି ଭିତରେ କିନ୍ତୁ ହଜିଯାଇନି ଜନଜାତି ଜୀବନର କଳାପ୍ରାଣତା କିମ୍ବା ଲିଭିଯାଇନି ସେମାନଙ୍କ ପାରମ୍ପରିକ ଚିତ୍ରକଳା ଓ ହସ୍ତଶିଳ୍ପର ନିପୁଣ ସ୍ୱାକ୍ଷର । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ଓ ପୋଷାକ, ଆଭୂଷଣ, ବିଭିନ୍ନ କାରୁକାର୍ଯ୍ୟ, ଗୃହସଜ୍ଜା ଆଜିର ନିଖୁଣତାକୁ ଲକ୍ଷ୍ୟ କଲେ ଯେ କେହି କେବଳ ମୁଗ୍ଧ ହେବନାହିଁ, ବଣପାହାଡଘେରା ଆଦିବାସୀ ପଲ୍ଲୀର ସେହି ପ୍ରତିଭାବାନ୍ ଶିଳ୍ପୀ ଓ କାରିଗରଙ୍କ ପାଖରେ ସ୍ୱତଃ ମୁଣ୍ଡ ନୁଆଁଇବାକୁ ବାଧ ହେବ । ଗତ ସାଧାରଣତନ୍ତ୍ର ଦିବସରୁ ରାଜଧାନୀର ଆଦିବାସୀ ପଡିଆରେ ଚାଲିଥିବା ଆଦିବାସୀ ମେଳାରେ ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ୍ ବିଭିନ୍ନ ଚିତ୍ରକଳା ଓ ହସ୍ତକଳା ସାମଗ୍ରୀର ଯେଉଁ ଝଲକ୍ ଦେଖିବାକୁ ମିଳୁଛି, ସେଥିରୁ ସେମାନଙ୍କର କଳା ପ୍ରତିଭାର ମୌଳିକତା ତଥା ଯାଦୁକାରୀ ସ୍ପର୍ଶର ଯଥାର୍ଥ ମୂଲ୍ୟାୟନ ସମ୍ଭବପର ହୋଇପାରିଛି ।

ଆଦିବାସୀ ମେଳା ପରିସରରେ ଖୋଲାଯାଇଥିବା କୋଡ଼ୋଡ଼ି ସୁଦୃଶ୍ୟ ଓ ଆକର୍ଷଣୀୟ ମଣ୍ଡପରେ ରାଜ୍ୟର ସୁଦୂର ଆଦିବାସୀ ପ୍ରଦୁଷିତ ଆଞ୍ଚଳରେ ଚିତ୍ରକଳା, ହସ୍ତକଳା ଓ ହସ୍ତଶିଳ୍ପଜାତ ସାମଗ୍ରୀ ପ୍ରଦର୍ଶନ କରାଯାଉଛି । କେତେକ ମଣ୍ଡପରେ ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ଓ ଭାସ୍କର୍ଯ୍ୟ ଏପରି ମନଲୋଭା ହୋଇଛି ଯେ, ଦର୍ଶକମାନେ ସ୍ୱତଃସ୍ଫୁର୍ତ୍ତ ଭାବରେ ସେ ସବୁ କ୍ରୟ କରିବା ପାଇଁ ଆଗେଇ ଆସିବା ସଙ୍ଗେ ସଙ୍ଗେ ସଂପୃକ୍ତ ଶିଳ୍ପୀଙ୍କ ସହ କିଛି ମୁହୂର୍ତ୍ତ ଭାବର ଆଦାନ ପ୍ରଦାନ କରୁଛନ୍ତି । ସଂପୃକ୍ତ ଜିଲାଗୁଡିକର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇ.ଟି.ଡି.ଏ.) ସହାୟତାରେ ରାଜଧାନୀକୁ ଆସି ନିଜ ନିଜର ଉତ୍ପାଦିତ ସାମଗ୍ରୀର ପସରା ମେଲାଇବାକୁ ସୁଯୋଗ ପାଇଛନ୍ତି ଏହି ଶିଳ୍ପୀ ଓ କାରିଗର । ଜନଜାତି କଳା ସାମଗ୍ରୀ ପ୍ରଦର୍ଶିତ ହେଉଥିବା ଏହି ସବୁ ମଣ୍ଡପରେ କନ୍ଧମାଳ ଜିଲାର କୁଟିଆ କନ୍ଧ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଠାରୁ ଆରମ୍ଭ କରି ଗଜପତି ଓ ମୟୁରଭଞ୍ଜ ଜିଲାର ଶିଳ୍ପୀଙ୍କ ପର୍ଯ୍ୟନ୍ତ ସବୁଠି ଫୁଟି ଉଠିଛି ଜନଜାତି ବର୍ଗର ଅପୂର୍ବ କଳାନୈପୁଣ୍ୟ । କେଉଁଠି ପଥର ତିଆରି ସାମଗ୍ରୀ ଓ ଆଉ କେଉଁଠି କାଠ କାମ, ଅଙ୍କନ, ବାଉଁଶ ତିଆରି ସାମଗ୍ରୀ ଅବା ଉପକରଣ ଆଦିବାସୀ ସଂପ୍ରଦାୟର ଐତିହ୍ୟ ଓ ହସ୍ତକଳାର ନିଖୁଣତାକୁ ସୁନ୍ଦର ଭାବରେ ପ୍ରତିଫଳିତ କରୁଛି ।

ଜନଜାତି ଚିତ୍ରକଳା ଓ ହସ୍ତଶିଳ୍ପ ବିଭାଗରେ ସ୍ଥାପିତ ମଣ୍ଡପ ବା ଷ୍ଟଲ୍ ଗୁଡିକରେ ଆଦିବାସୀ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ୍ ଟେରାକୋଟା ସାମଗ୍ରୀ, ବାଉଁଶ ଓ ଲୌହ ଶିଳ୍ପକଳା ଆଦିର ପ୍ରଦର୍ଶନ ବେଶ୍ ଆକର୍ଷଣୀୟ ହୋଇପାରିଛି । ଆଦିବାସୀମାନଙ୍କର ଗହଣା ସାମଗ୍ରୀ, ଟମ୍ଫର ଖୋସାରୁ ମଠାଶାଢୀ ପ୍ରସ୍ତୁତ୍ ପ୍ରଣାଳୀ ମଧ କେତେକ ଷ୍ଟଲ୍ ରେ ପ୍ରଦର୍ଶନ କରାଯାଉଥିବାର ଲକ୍ଷ୍ୟ କରାଯାଏ । ମୋଟ ଉପରେ କହିବାକୁ ଗଲେ ସମୟର ଘାତ ପ୍ରତିଘାତକୁ ଅତିକ୍ରମ କରି ଆଦିବାସୀ ଚିତ୍ରକଳା ଓ ହସ୍ତକଳା ଆଦି ଯେଉଁ ଯେଉଁ ସୋପାନରେ ପହଞ୍ଚ ପାରିଛି, ତାହାର ନିଚ୍ଛକ ଝଲକ୍ ଆଦିବାସୀ ମେଳା- ୨୦୧୬ ରେ ପ୍ରଦର୍ଶିତ ହୋଇଛି ।